# NATIONAL NEWS BULLETIN (ODIA)
## 12 August - 2026
## Evening Bulletin : 7.15 P.M.

*********************************

## ମୁଖ୍ୟ ସମ୍ବାଦ

- ନିଟ୍ ପରୀକ୍ଷା ସମ୍ପର୍କିତ ଛାତ୍ରଛାତ୍ରୀଙ୍କ ଧାରଣା ପ୍ରସଙ୍ଗରେ ଗୃହରେ ଆଲୋଚନା ଲାଗି ସରକାର ପ୍ରସ୍ତୁତ ଅଛନ୍ତି ବୋଲି ବାଚସ୍ପତିଙ୍କୁ ପତ୍ର ମାଧ୍ୟମରେ ଅବଗତ କରାଇଲେ ସ୍ୱରାଷ୍ଟ୍ର ମନ୍ତ୍ରୀ ।
- ଜାତୀୟ ସମବାୟ ବିକାଶ ନିଗମ ସଂଶୋଧନ ବିଲ୍ ୨୦୨୬ ସଂସଦରେ ଅନୁମୋଦିତ ।
- ୨୦୪୭ ସୁଦ୍ଧା ଭାରତର ୩୦ ଟ୍ରିଲିୟନ୍ ଡଲାର୍ ଅର୍ଥ ବ୍ୟବସ୍ଥା ଦୃଷ୍ଟିକୋଣ ମାଧ୍ୟମରେ ବ୍ୟାବସାୟିକ କାର୍ଯ୍ୟକଳାପ ଲାଗି ପ୍ରମୁଖ ସୁଯୋଗ ସୃଷ୍ଟି ହୋଇପାରିବ, କହିଲେ ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ।

ଏବଂ

- ନାଇଜେରିଆରେ ଚାଲିଥିବା ରାଜ୍ୟଗୋଷ୍ଠୀ ଚାମ୍ପିୟନ୍‌ସିପ୍‌ର ତୃତୀୟ ଦିନରେ ଭାରତୀୟ ଦଳକୁ ତିନୋଟି ସ୍ୱର୍ଣ୍ଣ ସହିତ ମିଳିଲା ମୋଟ୍ ୫ଟି ପଦକ ।

# ଏଲ୍‌ଏସ୍‌-ଆଡଜର୍ଣ୍ଣ

ବିଭିନ୍ନ ପ୍ରସଙ୍ଗରେ ବିରୋଧୀ ଦଳଗୁଡ଼ିକ ପକ୍ଷରୁ କରାଯାଇଥିବା ହଟ୍ଟଗୋଳ ଯୋଗୁଁ ଲୋକସଭାର କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି । ଅପରାହ୍ଣ ୩ଟା ସମୟରେ ଗୃହ କାର୍ଯ୍ୟ ଆରମ୍ଭ ହେବା ପରେ ଅଧ୍ୟକ୍ଷତା କରୁଥିବା ଜଗଦମ୍ବିକା ପାଲ ଖଣି ଓ ଖଣିଜ ଦ୍ରବ୍ୟ ବିକାଶ ଓ ନିୟନ୍ତ୍ରଣ ସଂଶୋଧନ ବିଲ୍ ୨୦୨୬ ଉପରେ ଆଲୋଚନା କରିବା ଲାଗି କହିଥିଲେ । ମାତ୍ର ବିରୋଧୀଙ୍କ ହଟ୍ଟଗୋଳ ଯୋଗୁଁ କୌଣସି ଆଲୋଚନା କରାନଯାଇ ଏହି ବିଲ୍‌ଟି ଲୋକସଭାର ଅନୁମୋଦନ ଲାଭ କରିଥିଲା । ଏହା ପୂର୍ବରୁ ଅପରାହ୍ଣ ୨ଟାରେ ଲୋକସଭା କାର୍ଯ୍ୟ ଆରମ୍ଭ ହେବା ପରେ ବିଦେଶୀ ଅନୁଦାନ ନିୟନ୍ତ୍ରଣ ସଂଶୋଧନ ବିଲ୍ ୨୦୨୬କୁ ଯୁଗ୍ମ ସଂସଦୀୟ କମିଟିକୁ ପଠାଇବା ଲାଗି ସରକାର ଗୃହରେ ଅନୁମୋଦନ କରାଇଥିଲେ । ତେବେ କଂଗ୍ରେସ ଓ ସମାଜବାଦୀ ପାର୍ଟି ଏହାକୁ ବିରୋଧ କରି ସରକାର ତୁରନ୍ତ ଏହାକୁ ପ୍ରତ୍ୟାହାର କରିବା ଲାଗି ଦାବି କରିଥିଲେ ।

ଗୃହରେ ହଟ୍ଟଗୋଳ ଜାରି ରହିବାରୁ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ କହିଥିଲେ, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା’ ବାଚସ୍ପତି ଓମ୍ ବିର୍ଲାଙ୍କୁ ଏକ ପତ୍ର ଲେଖି ନିଟ୍ ପରୀକ୍ଷା ପ୍ରସଙ୍ଗରେ ଛାତ୍ରଛାତ୍ରୀମାନଙ୍କର ଧାରଣା ସମ୍ପର୍କରେ ଗୃହରେ ଆଲୋଚନା କରିବା ଲାଗି ସରକାର ପ୍ରସ୍ତୁତ

ଅଛନ୍ତି ବୋଲି ଅବଗତ କରାଇଛନ୍ତି । ଯେହେତୁ ସରକାର ଏଥିଲାଗି ପ୍ରସ୍ତୁତ ଅଛନ୍ତି ତେଣୁ ବିରୋଧୀ ସଦସ୍ୟମାନେ ଏଥିରେ  ସହଯୋଗ କରିବା ଲାଗି ଶ୍ରୀ ରିଜିଜୁ' କଂଗ୍ରେସ ଓ ସମାଜବାଦୀ ପାର୍ଟି ସମେତ ଅନ୍ୟାନ୍ୟ ବିରୋଧୀ ସଦସ୍ୟମାନଙ୍କୁ ଅନୁରୋଧ କରିଥିଲେ । ସେ କହିଛନ୍ତି, ଏହି ପ୍ରସଙ୍ଗରେ ଗୃହରେ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କର ବିବୃତ୍ତି ଲାଗି ବିରୋଧୀ ଦଳଗୁଡ଼ିକୁ ପୂର୍ବରୁ ଦାବି କରି ଆସୁଥିଲେ । ମାତ୍ର ବର୍ତ୍ତମାନ ସରକାର ଏଥିଲାଗି ପ୍ରସ୍ତୁତ ଥିବା ସମୟରେ ବିରୋଧୀ ଦଳ କାହିଁକି ପଛଘୁଞ୍ଚା ଦେଉଛନ୍ତି ବୋଲି ଶ୍ରୀ ରିଜିଜୁ ପ୍ରଶ୍ନ କରିଛନ୍ତି । **V/O**

ପୂର୍ବରୁ ଏହିସବୁ ପ୍ରସଙ୍ଗରେ ବିରୋଧୀଙ୍କ ହଟ୍ଟଗୋଳ ଯୋଗୁଁ ଗୃହକୁ ଦୁଇଥର ମୁଲତବୀ ରଖାଯାଇଥିଲା ।

## ଆର୍‌ଏସ୍-କୋପ୍ରେଟିଭ୍ ବିଲ୍

ଜାତୀୟ ସମବାୟ ବିକାଶ ନିଗମ ସଂଶୋଧନ ବିଲ୍ ୨୦୨୬ ଆଜି ରାଜ୍ୟସଭାରେ ଅନୁମୋଦିତ ହେବା ପରେ ସଂସଦରେ ଗୃହିତ ହୋଇଛି । ପୂର୍ବରୁ ଲୋକସଭା ଏହି ବିଲ୍‌କୁ ପାରିତ କରିସାରିଛି । ଜାତୀୟ ସମବାୟ ବିକାଶ ନିଗମ ଆଇନ୍ ୧୯୬୨କୁ ଅଧିକ ସଂଶୋଧନ କରିବା ହେଉଛି ସମବାୟ ରାଷ୍ଟ୍ର ମନ୍ତ୍ରୀ ମୁରଲଧର ମୋହଲଙ୍କ ଦ୍ୱାରା ଆଗତ ଏହି ବିଲ୍‌ର ମୁଖ୍ୟ ଉଦ୍ଦେଶ୍ୟ । ଆଜି ଗୃହରେ ଏହି ବିଲ୍ ଉପରେ ଚାଲିଥିବା

ଆଲୋଚନାର ଉତ୍ତର ଦେଇ ଶ୍ରୀ ମୋହଲ କହିଛନ୍ତି, ଏହି ବିଲ୍ ମାଧ୍ୟମରେ ଦେଶ ବ୍ୟାପି କୃଷକମାନଙ୍କର ଆର୍ଥିକ ସଶକ୍ତିକରଣ କରାଯିବା ସହିତ ସେମାନଙ୍କର କଲ୍ୟାଣ ଦିଗରେ ଏହା ସହାୟକ ହେବକୁ ଅଧିକ ସୁଦୃଢ଼ କରାଯାଇପାରିବ ।

ଦେଶରେ ସମବାୟ କ୍ଷେତ୍ରର ଏକ ସଂଗଠିତ ତଥା ନିରନ୍ତର ବିକାଶ ଲାଗି ଏହି ବିଲ୍ ମାଧ୍ୟମରେ ଆର୍ଥିକ ସହାୟତା ଯୋଗାଇ ଦିଆଯିବ । ୧୯୬୩ ମସିହାରେ ସ୍ଥାପିତ ହୋଇଥିବା ଜାତୀୟ ସମବାୟ ବିକାଶ ନିଗମକୁ ୨୦୧୪ ପର୍ଯ୍ୟନ୍ତ ପୂର୍ବ ସରକାରମାନଙ୍କ ଅମଳରେ ମାତ୍ର ୪୫ ହଜାର କୋଟି ଟଙ୍କା ପ୍ରଦାନ କରାଯାଇଥିବା ବେଳେ ଗତ ୧୨ ବର୍ଷ ମଧ୍ୟରେ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ କେନ୍ଦ୍ର ସରକାର ପ୍ରାୟ ୪ ଲକ୍ଷ କୋଟି ଟଙ୍କା ଆର୍ଥିକ ସହାୟତା ଯୋଗାଇ ଦେଇଛନ୍ତି ବୋଲି ଶ୍ରୀ ମୋହଲ କହିଛନ୍ତି । ସମବାୟ କ୍ଷେତ୍ର ଲାଗି ଏକ ସ୍ୱତନ୍ତ୍ର ମନ୍ତ୍ରଣାଳୟ ସ୍ଥାପନର ପାଞ୍ଚ ବର୍ଷ ମଧ୍ୟରେ  ନିଆଯାଇଥିବା ବିଭିନ୍ନ ଉନ୍ନତିମୂଳକ ଯୋଜନା ଉପରେ ଆଲୋକପାତ କରି ଶ୍ରୀ ମୋହଲ କହିଛନ୍ତି – **V/O**

## ଏଲ୍ଏସ୍-ଏଆଇ

ଭାରତରେ ପ୍ରାୟ ୪୪୦ଟି ମହାକାଶ ଜ୍ଞାନକୌଶଳ ଷ୍ଟାର୍ଟଅପ୍ ପଞ୍ଜିକୃତ ହୋଇଛି ବୋଲି କେନ୍ଦ୍ର ମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ

ଲୋକସଭାରେ ସୂଚନା ଦେଇଛନ୍ତି । ଏ ସମ୍ପର୍କିତ ଏକ ପ୍ରଶ୍ନର ଲିଖିତ ଉତ୍ତରରେ ଶ୍ରୀ ସିଂହ କହିଛନ୍ତି, ଭାରତୀୟ ଜାତୀୟ ମହାକାଶ ପ୍ରୋତ୍ସାହନ ଏବଂ ପ୍ରାଧିକରଣ ୫୨ଟି ବେସରକାରୀ ସଂଗଠନକୁ ବିଭିନ୍ନ ମହାକାଶ ଜନିତ କାର୍ଯ୍ୟକ୍ରମ ଜାରି ରଖିବା ଲାଗି ୧୧୩ଟି ଅନୁମତି ପ୍ରଦାନ କରିଛି । ସେଥିମଧ୍ୟରୁ ୧୮ଟି ଷ୍ଟାର୍ଟଅପ୍ ରହିଥିବା ସେ କହିଛନ୍ତି । ଏହି କ୍ଷେତ୍ରକୁ ଅଧିକ ସୁସଂହତ କରିବା ଲାଗି ଏପର୍ଯ୍ୟନ୍ତ ୧୧୮ଟି ବୈଷୟିକ ଜ୍ଞାନକୌଶଳ ହସ୍ତାନ୍ତର ଚୁକ୍ତିନାମା କାର୍ଯ୍ୟକାରୀ କରାଯାଇଛି ବୋଲି ଡକ୍ଟର ସିଂହ ସୂଚନା ଦେଇଛନ୍ତି ।

ଦେଶରେ ପ୍ରଥମ ପର୍ଯ୍ୟାୟରେ ଜାତୀୟ କୃତ୍ରିମ ବୁଦ୍ଧିମତା ଦକ୍ଷତା ପଦକ୍ଷେପ ମାଧ୍ୟମରେ ୬୦ ହଜାର ୨୫୩ଟି ପଞ୍ଜିକରଣ କରାଯାଇଛି । ଆଜି ଲୋକସଭାରେ ଅନ୍ୟ ଏକ ପ୍ରଶ୍ନର ଲିଖିତ ଉତ୍ତରରେ ସୂଚନା ଓ ପ୍ରସାରଣ ରାଷ୍ଟ୍ର ମନ୍ତ୍ରୀ ଡକ୍ଟର ଏଲ୍. ମୁରୁଗାନ ଏହି ସୂଚନା ଦେଇଛନ୍ତି । ମୋଟ୍ ୪ ହଜାର ୬୨୦ ଜଣ ପ୍ରଥମ ପର୍ଯ୍ୟାୟର ୨ଟି ମଡ୍ୟୁଲ୍ ଏବଂ ୫୫୨ ଜଣ ସମସ୍ତ ଚାରୋଟି ଯାକ ମଡ୍ୟୁଲ୍ ସମ୍ପୂର୍ଣ୍ଣ କରିଛନ୍ତି ବୋଲି ସେ କହିଛନ୍ତି ।

# ପୀୟୂଷ ଗୋୟଲ

୨୦୪୭ ସୁଦ୍ଧା ଭାରତର ୩୦ ଟ୍ରିଲିୟନ୍ ଡଲାର୍ ଅର୍ଥ ବ୍ୟବସ୍ଥା ଦୃଷ୍ଟିକୋଣ ମାଧ୍ୟମରେ ବ୍ୟାବସାୟିକ କାର୍ଯ୍ୟକଳାପକୁ ଲାଗି ପ୍ରମୁଖ ସୁଯୋଗ ସୃଷ୍ଟି ହୋଇପାରିବ ବୋଲି ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋୟଲ କହିଛନ୍ତି ।

ଆଜି ନୂଆଦିଲ୍ଲୀଠାରେ ଭାରତୀୟ ବ୍ୟାପାରୀ ମହୋତ୍ସବ ୨୦୨୬ର ଉଦ୍‌ଘାଟନୀ ସମାରୋହରେ ଉଦ୍‌ବୋଧନ ଦେଇ ସେ ଏହି ମତବ୍ୟକ୍ତ କରିଛନ୍ତି । ବର୍ତ୍ତମାନ ଦେଶର ପ୍ରାୟ ୪ ଟ୍ରିଲିୟନ୍ ଡଲାର୍ ଅର୍ଥ ବ୍ୟବସ୍ଥା ମାଧ୍ୟମରେ ୨୦୪୭ ସୁଦ୍ଧା ଲକ୍ଷ୍ୟ ପୂରଣ ଦିଗରେ ଭାରତ ଅଗ୍ରଗତି କରୁଛି ବୋଲି ଶ୍ରୀ ଗୋୟଲ କହିଛନ୍ତି । —**V/O**

ବାଣିଜ୍ୟ କାରବାର କ୍ଷେତ୍ରରେ ସରକାରଙ୍କ ପକ୍ଷରୁ ନିଆଯାଇଥିବା ବିଭିନ୍ନ ସଂସ୍କାର ମୂଳକ ପଦକ୍ଷେପ ଉପରେ ଆଲୋକପାତ କରି ସେ କହିଛନ୍ତି, ଗତ ୪ ବର୍ଷ ମଧ୍ୟରେ ପ୍ରାୟ ୩୮ଟି ବିକଶିତ ଦେଶ ସହିତ ଭାରତ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ସ୍ୱାକ୍ଷର କରିଛି । ସେହିଭଳି ୯ଟି ମୁକ୍ତ ବାଣିଜ୍ୟ ଚୁକ୍ତିନାମା ମାଧ୍ୟମରେ ଭାରତୀୟ ଶିଳ୍ପ ସଂସ୍ଥା ଏବଂ ବ୍ୟାବସାୟିକ ଗୋଷ୍ଠୀଙ୍କ ଲାଗି ବଜାର ଉନ୍ମୁକ୍ତ ରହିଛି ।

ଗତ ବର୍ଷ ଭାରତର ବସ୍ତୁ ଓ ସେବା ରପ୍ତାନୀ ଏକ ରେକର୍ଡ଼ ସ୍ତର ୮୬୩ ଟ୍ରିଲିୟନ୍ ଡଲାର୍‌ରେ ପହଞ୍ଚିଛି । ଏତଦ୍ ବ୍ୟତୀତ ଗତ ୬ ବର୍ଷ ମଧ୍ୟରେ ରପ୍ତାନୀ ପରିମାଣରେ ପ୍ରାୟ ୭୩ ପ୍ରତିଶତ ଅଭିବୃଦ୍ଧି ଘଟିଛି ବୋଲି ଶ୍ରୀ ଗୋୟଲ କହିଛନ୍ତି ।

# ଶିବରାଜ-ହରିଆଲି ଅମାବାସ୍ୟା

ହରିଆଲି ଅମାବାସ୍ୟା ଅବସରରେ ଆଜି ଦେଶ ବ୍ୟାପି ୫୦ ହଜାରରୁ ଊର୍ଦ୍ଧ୍ୱ ଚାରା ରୋପଣ କରାଯାଇଛି ବୋଲି କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ଏବଂ ଗ୍ରାମୀଣ ବିକାଶ ମନ୍ତ୍ରୀ ଶିବରାଜ ସିଂହ ଚୌହାନ ସୂଚନା ଦେଇଛନ୍ତି । ଆଜି ନୂଆଦିଲ୍ଲୀଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ସେ କହିଛନ୍ତି, ବିକାଶ ମିତ୍ର ପରିବାର ସହ ମିଳିତ ସହଯୋଗରେ ଆୟୋଜିତ ଏହି ଅଭିଯାନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର 'ଏକ୍ ପେଡ୍ ମା' କେ ନାମ୍' ପଦକ୍ଷେପ ଦ୍ୱାରା ଅଧିକ ଗତିଶୀଳ ହୋଇଛି । ହରିଆଲି ଅମାବାସ୍ୟା କେବଳ ଏକ ଧାର୍ମିକ ଉତ୍ସବ ନୁହେଁ ବରଂ ପ୍ରକୃତି ପ୍ରତି ନିଜର କୃତଜ୍ଞତା ପ୍ରଦର୍ଶନ କରିବାର ଏକ ସୁଯୋଗ ବୋଲି ଶ୍ରୀ ଚୌହାନ କହିଛନ୍ତି । ଏକ ସ୍ଥାୟୀ ପରିବେଶ ଏବଂ କୃଷି କ୍ଷେତ୍ର ମଧ୍ୟରେ ଥିବା ନିବିଡ଼ ସମ୍ପର୍କ ଉପରେ ଆଲୋକପାତ କରି ସେ କହିଛନ୍ତି, ପରିବେଶ ଜନିତ ଅବକ୍ଷୟ ପ୍ରତ୍ୟକ୍ଷ ଭାବେ କୃଷି, ଜଳର ଉପଲବ୍ଧତା, ମୃତିକା ସ୍ୱାସ୍ଥ୍ୟ ଏବଂ ସର୍ବପରି ମାନବ ଜୀବନକୁ ପ୍ରଭାବିତ କରିଥାଏ ।

ଏହି ଅବସରରେ ଅନ୍ତତଃ ପ୍ରତ୍ୟେକ ବର୍ଷ ଗୋଟିଏ ଲେଖାଏଁ ଚାରା ରୋପଣ କରିବା ସହିତ ଅନ୍ୟ ୫ ଜଣଙ୍କୁ ଏହି ଅଭିଯାନରେ ସାମିଲ ହେବା

ଲାଗି ଉତ୍ସାହିତ କରିବା ଲାଗି କେନ୍ଦ୍ର କୃଷି ମନ୍ତ୍ରୀ ଜନସାଧାରଣଙ୍କୁ ଆହ୍ୱାନ ଦେଇଛନ୍ତି । ଏତଦ୍ ବ୍ୟତୀତ ରୋପଣ କରାଯାଉଥିବା ଚାରାଗୁଡ଼ିକ ଯେଭଳି ସୁରକ୍ଷିତ ଏବଂ ଦୀର୍ଘ ସମୟ ଲାଗି ସଂରକ୍ଷିତ ରହିପାରିବ ସେଥିଲାଗି ଉପଯୁକ୍ତ ସ୍ଥାନ ଚିହ୍ନଟ କରି ଏହି ଅଭିଯାନରେ ସାମିଲ ହେବା ଲାଗି ଶ୍ରୀ ଚୌହାନ ସମସ୍ତ ପଞ୍ଚାୟତ, ସହରାଞ୍ଚଳ ପୌରପରିଷଦଗୁଡ଼ିକୁ ପରାମର୍ଶ ଦେଇଛନ୍ତି ।

## ଆଇଏଏଫ୍-ଉଦର ଶକ୍ତି

ଭାରତୀୟ ବାୟୁସେନା ଏବଂ ରୟାଲ୍ ମାଲେସିଆ ବାୟୁସେନା ପକ୍ଷରୁ ସୁବାଙ୍ଗ ଏୟାର୍‌ବେଶ୍ ଠାରେ ଦ୍ୱିପକ୍ଷିୟ ଉଦରାଶକ୍ତି ୨୦୨୬ ସମରାଭ୍ୟାସ ଜାରି ରହିଛି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଏ ସମ୍ପର୍କରେ ସୂଚନା ଦେଇ ଭାରତୀୟ ବାୟୁସେନା କହିଛି, ଏହି ସମରାଭ୍ୟାସ ମାଧ୍ୟମରେ ଦୁଇ ଦେଶର ବାୟୁସେନା ମିଳିତ ଭାବେ ମାଲେସିଆଠାରେ ତାଲିମ୍ ନେବା ସହିତ ବିଭିନ୍ନ କ୍ଷେତ୍ରରେ ପରସ୍ପର ମଧ୍ୟରେ ବିଶେଷଜ୍ଞ ପରାମର୍ଶ ଆଦାନପ୍ରଦାନ କରିବାର ସୁଯୋଗ ପାଇଛନ୍ତି ।

## ପାକ୍-ଆକ୍ସିଡେଣ୍ଟ

ପାକିସ୍ତାନର ପଞ୍ଜାବ ପ୍ରଦେଶରେ ଏକ ସଡ଼କ ଦୁର୍ଘଟଣାରେ ଗୋଟିଏ ପରିବାରର ମହିଳା ଓ ଶିଶୁଙ୍କ ସମେତ ୧୫ ଜଣଙ୍କର ମୃତ୍ୟୁ ହୋଇଛି । ସ୍ଥାନୀୟ ପୁଲିସ୍ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ୨୬ ଜଣ ଯାତ୍ରୀଙ୍କୁ ଏକ ବିବାହ ଘରକୁ ନେଇ ଯାଉଥିବା ତିନି ଚକିଆ ଯାନଟି ଭାରସାମ୍ୟ ହରାଇ ପଞ୍ଜାବର ମୁଜାଫରଗଡ଼ ଜିଲ୍ଲା ଅନ୍ତର୍ଗତ କୋଟ୍ ଆଡୁ କେନାଲ୍‌ରେ ଖସି ପଡ଼ିଥିଲା । ସେମାନଙ୍କ ମଧ୍ୟରୁ ତିନି ଜଣ ପହଁରି ଆସି ଖବର ଦେଲା ପରେ ଉଦ୍ଧାର କାର୍ଯ୍ୟ ଆରମ୍ଭ କରାଯାଇଥିଲା । ପରେ କେନାଲ ମଧ୍ୟରୁ ପର୍ଯ୍ୟାୟ କ୍ରମେ ୧୫ଟି ମୃତ ଦେହ ଉଦ୍ଧାର କରାଯାଇଛି ବୋଲି ପୁଲିସ୍ କହିଛି ।

## କମନ୍‌ୱେଲ୍‌ଥ ଫେନ୍‌ସିଂ

ନାଇଜେରିଆର ଲାଗସ୍‌ଠାରେ ଚାଲିଥିବା ରାଜ୍ୟଗୋଷ୍ଠୀ ଚାମ୍ପିୟନ୍‌ସିପ୍‌ର ତୃତୀୟ ଦିନରେ ଭାରତୀୟ ଫେନ୍‌ସିଂ ଟିମ୍ ତିନୋଟି ସ୍ୱର୍ଣ୍ଣ, ଗୋଟିଏ ରୌପ୍ୟ ଏବଂ ଗୋଟିଏ ବ୍ରୋଞ୍ଜ ପଦକ ହାସଲ କରିଛି । ଏହାକୁ ମିଶାଇ ଭାରତ ଏପର୍ଯ୍ୟନ୍ତ ୮ଟି ସ୍ୱର୍ଣ୍ଣ, ୭ଟି ରୌପ୍ୟ ଓ ୧୪ଟି ବ୍ରୋଞ୍ଜ ପଦକ ସହିତ ମୋଟ୍ ୨୯ଟି ପଦକ ହାସଲ କରିଛି ।